orissadiary.com
Fueling Brand Odisha Since 20 Years

# IIT Bhubaneswar Organizes Workshop On Suicide Prevention

By OdAdmin On Sep 17, 2023

Share

Bhubaneswar, 17th September 2023: Indian Institute of Technology (IIT) Bhubaneswar has organized a workshop on 'Suicide Prevention–Creating Hope Through Action' on 15th September. The workshop aimed at identifying the people at risk of intense mental pressure, leading to suicidal tendency and understanding the language of the people seeking help. Mr. Nelson Vinod Moses, Founder of Suicide Prevention India Foundation addressed on this occasion as the speaker of the workshop. He is a TEDx speaker and a suicide prevention expert.

An award-winning mental health journalist, Mr. Moses, in his talk, highlighted the significance of efforts towards suicide prevention and taking care of mental health. He stressed the importance of offering support and guidance tailored as per the specific situation and individual needs. He deliberated on the suicide warning signs-both physical and psychological. He also emphasized various steps to prevent the situation by extending a helping hand to peers who are feeling low or suffering from self-sufficiency. He also delved on various crucial aspects of suicide prevention and mental wellbeing like Neuro Diversity, Non-Suicidal Self-Injury, Mental Suicide Prevention Strategy, Self-Care and Mental Health Pyramid. This interactive workshop helped the participants in understanding what they can do at their levels to prevent suicide.

Among others, Prof. Shreepad Karmalkar, Director, and Mr. Bamadev Acharya, Registrar of the Institute graced the occasion.
Led by Dr. Raj Kumar Singh, Professor-in-Charge (CST) and Dr. Gagandeep Kaur Makkar, Student Counsellor, the programme was coordinated by the Counselling Service Team (CST) of IIT Bhubaneswar.

**Link:** https://orissadiary.com/iit-bhubaneswar-organizes-workshop-on-suicide-prevention/

SAMBAD

**Headline:** IIT Bhubaneswar Organizes Workshop On Suicide Prevention

# ଆଇଆଇଟିରେ ଆତ୍ମହତ୍ୟା ପ୍ରତିରୋଧ କର୍ମଶାଳା

ଜଟଣୀ, ୧୭/୯(ଇମିସ): ଆଜି ଆଇଆଇଟି ପକ୍ଷରୁ 'ଆତ୍ମହତ୍ୟା ପ୍ରତିରୋଧ ଆଶା ସଂଚାର ଦିଗରେ ପଦକ୍ଷେପ' ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁଇସାଇଡ୍ ପ୍ରିଭେନ୍ସନ୍ ଇଣ୍ଡିଆ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ନେଲ୍ସନ୍ ବିନୋଦ ମୋନେସ୍ ଯୋଗଦେଇ ଆତ୍ମହତ୍ୟା ମାନସିକତାର ପ୍ରତିରୋଧ ଦିଗରେ ପ୍ରୟାସ ତଥା ମାନସିକ ସ୍ୱାସ୍ଥ୍ୟର ଯତ୍ନ ବିଷୟରେ ଆଲୋକପାତ କରିଥିଲେ। କର୍ମଶାଳାରେ ଆଇଆଇଟିର ଛାତ୍ରଛାତ୍ରୀ ଏବଂ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଆତ୍ମହତ୍ୟା ମାନସିକତାର ପ୍ରତିରୋଧ ଓ ପ୍ରତିକାର ଦିଗରେ କିଭଳି କାର୍ଯ୍ୟ କରିପାରିବେ ସେ ସମ୍ପର୍କରେ ସେମାନେ ଭଲ ଭାବେ ଜାଣିବାକୁ ପାଇଥିଲେ। ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର୍ ଶ୍ରୀପଦ କର୍ମାଲ୍‌କର, ରେଜିଷ୍ଟ୍ରାର ବାମଦେବ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ପ୍ରଫେସର୍ ଇନ୍ ଚାର୍ଜ (ସିଏସ୍‌ଟି) ରାଜ କୁମାର ସିଂ ଓ ଷ୍ଟୁଡେଣ୍ଟ୍ କାଉନ୍‌ସେଲର ଗଗନ ଦୀପ୍ କୌର ମକ୍କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**The Sambad**

**18.09.2023**

**Headline:** IIT Bhubaneswar Organizes Workshop on Suicide Prevention

THE SAKALA
Puri - 18 Sep 2023 - Page 13

# ଆଇଆଇଟିର ଆତ୍ମହତ୍ୟା ପ୍ରତିରୋଧ କର୍ମଶାଳା

**ଜଟଣୀ,୧୭।୯(ସମିସ):** ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ପକ୍ଷରୁ 'ଆତ୍ମହତ୍ୟା ପ୍ରତିରୋଧ-ଆଶା ସଞ୍ଚାର ଦିଗରେ ପଦକ୍ଷେପ' ଶୀର୍ଷକ କର୍ମଶାଳା ଆୟୋଜିତ ହୋଇଯାଇଛି। ସୁଇସାଇଡ୍ ପ୍ରିଭେନ୍ସନ୍ ଇଣ୍ଡିଆ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ନେଲ୍‌ସନ୍ ବିନୋଦ ମୋନେସ୍ ଅତିଥି ଭାବେ ଯୋଗ ଦେଇଥିଲେ। ମୋନେସ ହେଉଛନ୍ତି ଜଣେ ପ୍ରତିଷ୍ଠିତ ବକ୍ତା ଏବଂ ଜଣେ ଆଣହତ୍ୟା ପ୍ରତିରୋଧ ବିଶେଷଜ୍ଞ। ପରିସ୍ଥିତି ଓ ବ୍ୟକ୍ତିଗତ ଆବଶ୍ୟକତା ଅନୁସାରେ ସହାୟତା ଏବଂ ଦିଗ୍‌ଦର୍ଶନକୁ ପରିବର୍ଦ୍ଧିତ କରିବା ଉପରେ ମଧ୍ୟ ସେ ଗୁରୁତ୍ୱ ଆରୋପ କରିଥିଲେ। ଏଥି ସହିତ ସେ ନ୍ୟୁରୋ ଡାଇଭର୍ସିଟୀ, ନନ୍-ସୁଇସାଇଡାଲ ସେଲ୍ଫ ଇଞ୍ଜୁରୀ, ନିଜର ମାନସିକ ଯତ୍ନ ଏବଂ ମେଣ୍ଟାଲ୍ ହେଲ୍‌ଥ ପିରାମିଡ୍ ଆଦି ବିଭିନ୍ନ ବିଷୟ ଉପରେ ସୂଚନା ଦେଇଥିଲେ। କର୍ମଶାଳାରେ ଅଂଶଗ୍ରହଣ କରି ଆଇଆଇଟି ଭୁବନେଶ୍ୱରର ଛାତ୍ରଛାତ୍ରୀ ଏବଂ ସଦସ୍ୟମାନେ ବ୍ୟକ୍ତିଗତସ୍ତରରେ କିପରି ଆତ୍ମହତ୍ୟା ମାନସିକତାର ପ୍ରତିରୋଧ କରିହେବ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର୍ ଶ୍ରୀପଦ କର୍ମାଲକର ଏବଂ ରେଜିଷ୍ଟ୍ରାର ବାମଦେବ ଆଚାର୍ଯ୍ୟ ଉପସ୍ଥିତ ଥିଲେ।ଆଇଆଇଟି ଭୁବନେଶ୍ୱରର ପ୍ରଫେସର୍ ଇନ୍‌ଚାର୍ଜ (ସିଏସ୍‌ଟି) ଡଃ ରାଜ କୁମାର ସିଂ ଏବଂ ଷ୍ଟୁଡେଣ୍ଟ୍ କାଉନସିଲର ଡଃ.ଗଗନଦୀପ କୌର ମକ୍କରଙ୍କ ନେତୃତ୍ୱରେ ପ୍ରତିଷ୍ଠାନର କାଉନ୍‌ସେଲିଂ ସର୍ଭିସ୍ ଟିମ୍ (ସିଏସ୍‌ଟି) ଦ୍ୱାରା କର୍ମଶାଳା ସଞ୍ଚାଳିତ ହୋଇଥିଲା।

**The Sakala**

**18.09.2023**

ଓଡ଼ିଶାର ଏକମାତ୍ର ନିରପେକ୍ଷ ଦୈନିକ
ପ୍ରଗତିବାଦୀ
ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳ ■ FOUNDER PRADYUMNA BAL
PRAGATIVADI

**Headline:** IIT Bhubaneswar Organizes Workshop on Suicide Prevention

# ଆତ୍ମହତ୍ୟା ପ୍ରତିରୋଧ ସମ୍ବନ୍ଧୀୟ କର୍ମଶାଳା

■ ଭୁବନେଶ୍ୱର, ତା ୧୭।୯(ପିଏନଏସ)

ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ 'ଆତ୍ମହତ୍ୟା ପ୍ରତିରୋଧ-ଆଶା ସଂଚାର ଦିଗରେ ପଦକ୍ଷେପ' ଶୀର୍ଷକ ଏକ କର୍ମଶାଳା ଶନିବାର ଆୟୋଜିତ ହୋଇଯାଇଛି । ଅତିଶୟ ମାନସିକ ଚାପ ହେତୁ ଆତ୍ମହତ୍ୟା ମାନସିକତାର ଶିକାର ବ୍ୟକ୍ତିଙ୍କୁ ଚିହ୍ନଟ କରିବା ତଥା ସହାୟତା ଖୋଜୁଥିବା ଏପରି ବ୍ୟକ୍ତିଙ୍କ ଭାଷା ବୁଝିବା ଉଦ୍ଦେଶ୍ୟରେ ଏହି କର୍ମଶାଳାର ଆୟୋଜନ କରାଯାଇଥିଲା । ସୁଇସାଇଡ୍ ପ୍ରିଭେନସନ୍ ଇଣ୍ଡିଆ ଫାଉଣ୍ଡେସନର ପ୍ରତିଷ୍ଠାତା ନେଲସନ ବିନୋଦ ମୋଜେସ୍ ଏହି ଅବସରରେ ଉଦବୋଧନ ଦେଇଥିଲେ । ସେ ଜଣେ ପ୍ରତିଷ୍ଠିତ ଟେଡେକ୍ସ ବକ୍ତା ଏବଂ ଜଣେ ଆତ୍ମହତ୍ୟା ପ୍ରତିରୋଧ ବିଶେଷଜ୍ଞ । ଜଣେ ବହୁ ପୁରସ୍କୃତ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଶ୍ରୀ ମୋଜେସ୍ ନିଜର ବକ୍ତବ୍ୟରେ ଆତ୍ମହତ୍ୟା ମାନସିକତାର ପ୍ରତିରୋଧ ଦିଗରେ ପ୍ରୟାସ ତଥା ମାନସିକ ସ୍ୱାସ୍ଥ୍ୟ ଯତ୍ନର ଗୁରୁତ୍ୱ ବିଷୟରେ ଉଲ୍ଲେଖ କରିଥିଲେ । ପରିସ୍ଥିତି ଓ ବ୍ୟକ୍ତିଗତ ଆବଶ୍ୟକତା ଅନୁସାରେ ସହାୟତା ଏବଂ ଦିଗଦର୍ଶନକୁ ପରିବର୍ତ୍ତିତ କରିବା



ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ । ଆତ୍ମହତ୍ୟା ମାନସିକତାର ବିଭିନ୍ନ ଶାରୀରିକ ତଥା ମାନସିକ ଲକ୍ଷଣ ସମ୍ବନ୍ଧରେ ଅବଗତ କରି ସେ ନିଜ ଆଖପାଖରେ ଥିବା ମାନସିକ ଚାପଗ୍ରସ୍ତ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ଦିଗରେ ଆବଶ୍ୟକୀୟ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମଧ୍ୟ କହିଥିଲେ । ଏଥିସହିତ ସେ ନ୍ୟୁରୋ ଡାଇଭର୍ସିଟି, ନନ୍-ସୁଇସାଇଡାଲ୍ ସେଲ୍ଫ ଇଞ୍ଜୁରୀ, ନିଜର ମାନସିକ ଯତ୍ନ ଏବଂ ସୋଶିଆଲ୍ ହେଲଥ ପିରାମିଡ୍ ଆଦି ବିଭିନ୍ନ ବିଷୟ ଉପରେ ସୂଚନା ଦେଇଥିଲେ । ଏହି କର୍ମଶାଳାରେ ଅଂଶଗ୍ରହଣ କରି ଆଇଆଇଟି ଭୁବନେଶ୍ୱରର ଛାତ୍ରଛାତ୍ରୀ ଏବଂ ସଦସ୍ୟମାନେ କିପରି ବ୍ୟକ୍ତିଗତ ସ୍ତରରେ ଆତ୍ମହତ୍ୟା ମାନସିକତାର ପ୍ରତିରୋଧ ଓ ପ୍ରତିକାର ଦିଗରେ କାର୍ଯ୍ୟ କରିପାରିବେ ସେ ସମ୍ପର୍କରେ ବିଶଦ ଭାବେ ଜାଣିବାକୁ ପାଇଥିଲେ । ଏହି ଅବସରରେ, ଅନ୍ୟମାନଙ୍କ ମଧ୍ୟରେ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର୍ ଶ୍ରୀପଦ କର୍ମାଲକର ଏବଂ ରେଜିଷ୍ଟ୍ରାର୍ ବାମଦେବ ଆଚାର୍ଯ୍ୟ ଉପସ୍ଥିତ ଥିଲେ । ଆଇଆଇଟି ଭୁବନେଶ୍ୱରର ପ୍ରଫେସର-ଇନ୍-ଚାର୍ଜ (ସିଏସଟି) ଡଃ ରାଜ କୁମାର ସିଂ ଏବଂ ଷ୍ଟୁଡେଣ୍ଟ କାଉନ୍ସିଲର୍ ଡଃ ସଞ୍ଜଲିପ୍ସା କୌର ମହାନ୍ତଙ୍କ ନେତୃତ୍ୱରେ ପ୍ରତିଷ୍ଠାନର କାଉନ୍ସେଲିଂ ସର୍ଭିସ ଟିମ୍ (ସିଏସଟି) ଦ୍ୱାରା ଏହି କର୍ମଶାଳାଟି ସଂଚାଳିତ ହୋଇଥିଲା ।

**The Pragativadi**

**18.09.2023**

**Headline:** IIT Bhubaneswar Organizes Workshop on Suicide Prevention

ନିତିଦିନ NITIDIN

# ଆଇଆଇଟି ପକ୍ଷରୁ ଆତ୍ମହତ୍ୟା ପ୍ରତିରୋଧ କର୍ମଶାଳା

**ଜଟଣୀ,୧୭।୯/ଏନ୍ଏନ୍ଏସ୍:** ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ(ଆଇଆଇଟି) ଭୁବନେଶ୍ୱର ପକ୍ଷରୁ 'ଆତ୍ମହତ୍ୟା ପ୍ରତିରୋଧ-ଆଶା ସଂଚାର ଦିଗରେ ପଦକ୍ଷେପ' ଶୀର୍ଷକ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ଅତିଶୟ ମାନସିକ ଚାପ ହେତୁ ଆତ୍ମହତ୍ୟା ମାନସିକତାର ଶିକାର ବ୍ୟକ୍ତିଙ୍କୁ ଚିହ୍ନଟ କରିବା ତଥା ସହାୟତା ଖୋଜୁଥିବା ଏପରି ବ୍ୟକ୍ତିଙ୍କ ଭାଷା ବୁଝିବା ଉଦ୍ଦେଶ୍ୟରେ ଏହି କର୍ମଶାଳାର ଆୟୋଜନ କରାଯାଇଥିଲା । ସୁଇସାଇଡ୍ ପ୍ରିଭେନ୍ସନ୍ ଇଣ୍ଡିଆ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ନେଲ୍‌ସନ୍ ବିନୋଦ ମୋନେସ୍ ଏହି ଅବସରରେ ଉଦ୍‌ବୋଧନ ଦେଇଥିଲେ । ସେ ଜଣେ ପ୍ରତିଷ୍ଠିତ ବକ୍ତା ଏବଂ ଜଣେ ଆତ୍ମହତ୍ୟା ପ୍ରତିରୋଧ ବିଶେଷଜ୍ଞ । ଆତ୍ମହତ୍ୟ ମାନସିକତାର ବିଭିନ୍ନ ଶାରୀରିକ ତଥା ମାନସିକ ଲକ୍ଷଣ ସମ୍ବନ୍ଧରେ ଅବତାରଣା କରି ସେ ନିଜ ଆଖପାଖରେ ଥିବା ମାନସିକ ଚାପଗ୍ରସ୍ତ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ଦିଗରେ ଆବଶ୍ୟକୀୟ ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିଥିଲେ । କର୍ମଶାଳାରେ ଅଂଶଗ୍ରହଣ କରି ଆଇଆଇଟି ଭୁବନେଶ୍ୱରର ଛାତ୍ରଛାତ୍ରୀ ଏବଂ ସଦସ୍ୟମାନେ କିପରି ବ୍ୟକ୍ତିଗତ ସ୍ତରରେ ଆତ୍ମହତ୍ୟା ମାନସିକତାର ପ୍ରତିରୋଧ ଓ ପ୍ରତିକାର ଦିଗରେ କାର୍ଯ୍ୟ କରିପାରିବେ ସେ ସମ୍ପର୍କରେ ବିଶଦ ଭାବେ ଜାଣିବାକୁ ପାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର୍ ଶ୍ରୀପଦ କର୍ମାଲକର ଏବଂ ରେଜିଷ୍ଟ୍ରାର ବାମଦେବ ଆଚାର୍ଯ୍ୟ ଉପସ୍ଥିତ ଥିଲେ । ଆଇଆଇଟି ଭୁବନେଶ୍ୱରର ପ୍ରଫେସର୍-ଇନ୍-ଚାର୍ଜ(ସିଏସ୍‌ଟି) ଡଃ ରାଜକୁମାର ସିଂ ଏବଂ ଷ୍ଟୁଡେଣ୍ଟ୍ କାଉନ୍ସିଲର ଡଃ. ଗଗନଦୀପ କୌର ମକ୍କରଙ୍କ ନେତୃତ୍ୱରେ ପ୍ରତିଷ୍ଠାନର କାଉନ୍‌ସେଲିଂ ସର୍ଭିସ୍ ଟିମ୍ ଦ୍ୱାରା ଏହି କର୍ମଶାଳା ସଂଚାଳିତ ହୋଇଥିଲା ।

**The Nitidin**

**18.09.2023**

PRATIDIN Odia Daily

**Headline:** IIT Bhubaneswar Organizes Workshop on Suicide Prevention

# ଆଇଆଇଟି ପକ୍ଷରୁ ଆତ୍ମହତ୍ୟା ପ୍ରତିରୋଧ ସମ୍ବନ୍ଧୀୟ କର୍ମଶାଳା

ଜଟଣୀ,୧୭।୯(ନି.ପ୍ର): ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ 'ଆତ୍ମହତ୍ୟା ପ୍ରତିରୋଧ-ଆଶା ସଞ୍ଚାର ଦିଗରେ ପଦକ୍ଷେପ' ଶୀର୍ଷକ ଏକ କର୍ମଶାଳା ସେପ୍ଟେମ୍ବର ୧୫ ତାରିଖରେ ଆୟୋଜିତ ହୋଇଯାଇଛି। ଅତିଶୟ ମାନସିକ ଚାପ ହେତୁ ଆତ୍ମହତ୍ୟା ମାନସିକତାର ଶିକାର ବ୍ୟକ୍ତିଙ୍କୁ ଚିହ୍ନଟ କରିବା ତଥା ସହୟତାଖୋଜୁଥିବା ଏପରି ବ୍ୟକ୍ତିଙ୍କ ଭାଷା ବୁଝିବା ଉଦ୍ଦେଶ୍ୟରେ ଏହି କର୍ମଶାଳାର ଆୟୋଜନ କରାଯାଇଥିଲା। ସୁଇସାଇଡ୍ ପ୍ରିଭେନ୍ସନ୍ ଇଣ୍ଡିଆ ଫାଉଣ୍ଡେସନ୍ର ପ୍ରତିଷ୍ଠାତା ନେଲ୍ସନ୍ ବିନୋଦ ମୋନେସ୍ ଏହି ଅବସରରେ ଉଦ୍‌ବୋଧନ ଦେଇଥିଲେ । ସେ ଜଣେ ପ୍ରତିଷ୍ଠିତ ଟେଡେକ୍ସ ବକ୍ତା ଏବଂ ଜଣେ ଆତ୍ମହତ୍ୟା ପ୍ରତିରୋଧ ବିଶେଷଜ୍ଞ। ଜଣେ ବହୁ-ପୁରସ୍କୃତ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ



ଶ୍ରୀ ମୋଜେସ୍, ନିଜର ବକ୍ତବ୍ୟରେ ଆତ୍ମହତ୍ୟା ମାନସିକତାର ପ୍ରତିରୋଧ ଦିଗରେ ପ୍ରୟାସ ତଥା ମାନସିକ ସ୍ୱାସ୍ଥ୍ୟର ଯତ୍ନ ଗୁରନ୍ ବିଷୟରେ ଉଲ୍ଲେଖ କରିଥିଲେ। ପରିସ୍ଥିତି ଓ ବ୍ୟକ୍ତିଗତ ଆବଶ୍ୟକତା ଅନୁସାରେ ସହାୟତା ଏବଂ ଦିଗଦର୍ଶନକୁ ପରିବର୍ଦ୍ଧିତ କରିବା ଉପରେ ମଧ୍ୟ ସେ ଗୁରୁତ୍ୱ ଆରୋପ କରିଥିଲେ । ଆତ୍ମହତ୍ୟ ମାନସିକତାର ବିଭିନ୍ନ ଶରୀରିକ ତଥା ମାନସିକ ଲକ୍ଷଣ ସମ୍ବନ୍ଧରେ ଅବତାରଣା କରି ସେ ନିଜ ଆଖପାଖରେ ଥିବା ମାନସିକ ଚାପଗ୍ରସ୍ତ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ଦିଗରେ ଆବଶ୍ୟକୀୟ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମଧ୍ୟ କହିଥିଲେ। ଏଥିସହିତ ସେ ନ୍ୟୁରୋ ଡାଇଭର୍ସିଟୀ, ନନ୍-ସୁଇସାଇଡାଲ ସେଲ୍ଫ ଇଞ୍ଜୁରୀ, ନିଜର ମାନସିକ ଯତ୍ନ ଏବଂ ମେଣ୍ଟାଲ୍ ହେଲ୍ଥ ପିରାମିଡ୍ ଆଦି ବିଭିନ୍ନ ବିଷୟ ଉପରେ ସୂଚନା ଦେଇଥିଲେ । ଏହି କର୍ମଶାଳାରେ ଅଂଶଗ୍ରହଣ କରି ଆଇଆଇଟି ଭୁବନେଶ୍ୱରର ଛାତ୍ରଛାତ୍ରୀ ଏବଂ ସଦସ୍ୟମାନେ କିପରି ବ୍ୟକ୍ତିଗତ ସ୍ତରରେ ଅତ୍ମହତ୍ୟା ମାନସିକତାର ପ୍ରତିରୋଧ ଓ ପ୍ରତିକାର ଦିଗରେ କାର୍ଯ୍ୟ କରିପାରିବେ ସେ ସମ୍ପର୍କରେ ବିଶଦ ଭାବେ ଜାଣିବାକୁ ପାଇଥିଲେ । ଏହି ଅବସରରେ, ଅନ୍ୟମାନଙ୍କ ମଧ୍ୟରେ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର୍ ଶ୍ରୀପଦ କର୍ମାଲକର ଏବଂ ରେଜିଷ୍ଟ୍ରାର ଶ୍ରୀବାମଦେବ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଆଇଆଇଟି ଭୁବନେଶ୍ୱରର ପ୍ରଫେସର୍-ଇନ୍-ଚାର୍ଜ (ସିଏସ୍ଟି) ଡ. ରାଜ କୁମାର ସିଂ ଏବଂ ଷ୍ଟୁଡେଣ୍ଟ କାଉନ୍ସିଲର ଡ.ଗଗନଦୀପ କୌର ମକ୍କରଙ୍କ ନେତୃତ୍ୱରେ ପ୍ରତିଷ୍ଠାନର କାଉନ୍ସେଲିଂ ସର୍ଭିସ୍ ଟିମ୍ (ସିଏସ୍ଟି) ଦ୍ୱାରା ଏହି କର୍ମଶାଳାଟି ସଂଚାଳିତ ହୋଇଥିଲା।

**The Pratidin**

**18.09.2023**